## ସଂକ୍ଷେପରେ

### ସେପ୍ଟେମ୍ବର ୨୧ରୁ ସ୍ନାତକ, ସ୍ନାତକୋତ୍ତର ପରୀକ୍ଷା

**ବାଲେଶ୍ୱର ଅଫିସ, ୩।୯:** ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୨୧ରୁ ଆରମ୍ଭ ହେବ ବୋଲି କୁଳସଚିବ ସଚ୍ଚିଦାନନ୍ଦ ଦେହୁରୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ୟୁଜିସି ମାର୍ଗଦର୍ଶିକା ଏବଂ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଫକୀରମୋହନ ବିଶ୍ୱବିଦ୍ୟାଳୟର ଶେଷବର୍ଷ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ସେପ୍ଟେମ୍ବର ୨୧ରୁ ଆରମ୍ଭ ହେବାକୁ ଯାଉଛି। ସ୍ନାତକ ପରୀକ୍ଷା ବାକି ରହିଥିବା ମାତ୍ର ଗୋଟିଏ ପେପର୍ କୋଭିଡ୍-୧୯ର ସମସ୍ତ ନିୟମାବଳୀକୁ ପାଳନ କରି କଲେଜରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନେ ଅଧକ୍ଷଙ୍କୁ ଯୋଗାଯୋଗ କରିବେ। ସେହିପରି ପିଜି ଅନ୍ତିମ ସେମିଷ୍ଟାର ପରୀକ୍ଷା ଅନଲାଇନ୍ ପଦ୍ଧତିରେ ହେବ। ପରୀକ୍ଷା ଫଳ ନିର୍ଦ୍ଧାରିତ ସମୟ ଅକ୍ଟୋବର ୩୧ ତାରିଖ ମଧ୍ୟରେ ପ୍ରକାଶ କରାଯିବ ବୋଲି ଫକୀରମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ରାୟ ସୂଚନା ଦେଇଛନ୍ତି।

### ମହିଳାଙ୍କ ବେକରୁ ଝାମ୍ପି ନେଲେ ଚେନ

ଭଣ୍ଡାରିପୋଖରୀ , ୩।୯ (ଡି.ଏନ.ଏ.)-କିଛି ଦିନ ହେଲା ରାଜପଥ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଗୁରୁବାର ଅପରାହ୍ନରେ ନମିତା ମଲିକ ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହ ବାଇକ୍‌ରେ ଯାଉଥିବା ବେଳେ ୧୬ ନଂ. ଜାତୀୟ ରାଜପଥର ଛତାବର ଛକ ନିକଟରେ ଦୁଇ ଜଣ ଯୁବକ ପଛପଟୁ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ମହିଳା ଜଣଙ୍କ ବେକରେ କ୍ଷତ ହୋଇଛି। ଖବରପାଇ ଭଣ୍ଡାରିପୋଖରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ ମଧ୍ୟ କୌଣସି ସୁରାକ ମିଳିନାହିଁ। ଏନ୍‌ଏଚ୍‌ରେ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଦାବି ହେଉଛି।

### ଦୁର୍ଘଟଣା: ୩ ମୃତ

**ଧାମନଗର/ ବସ୍ତା,୩।୯(ଡି.ଏନ୍.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ସାଁଆଳପୁର ଗ୍ରାମର ଜ୍ୟୋତ୍ସ୍ନାରାଣୀ ପ୍ରଧାନ ବୁଧବାର ନିଜ ଭଣଜାଙ୍କ ସହିତ ବାଇକ୍‌ରେ ଯାଉଥିବାବେଳେ ଭଦ୍ରକ ଆଖଣ୍ଡଳମଣୀ ରାସ୍ତାର ଜଗନ୍ନାଥ ସାହି ନିକଟରେ ଗାଡ଼ିରୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ନିଆଯାଇଥିଲା। ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି। ସେହିପରି ଭଟ୍ଟସାହି ଗ୍ରାମର ଦିପ୍ତି ରଞ୍ଜନ ମହାଲିକ ବାଇକ୍‌ରେ ଭଦ୍ରକ ଯାଉଥିବାବେଳେ ସାତ ଭଉଣୀ ନିକଟରେ ଦୁର୍ଘଟଣା ଘଟିଥିଲା। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲେ ବି ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥର ବସ୍ତା ବାଇପାସ୍ ନିକଟରେ ଏକ ଆଳୁ ବୋଝେଇ ଟ୍ରକ୍ ଏବଂ ଏକ ବାଲି ଡମ୍ପର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଆଳୁ ବୋଝେଇ ଟ୍ରକ୍ ଡ୍ରାଇଭର କମଲ ସିଂଙ୍କର ମୃତ୍ୟୁ ଘଟିଛି। ହେଲପର ବିମଳ ମଣ୍ଡଳ ଗୁରୁତର ଆହତ ହୋଇଛନ୍ତି। ମୃତ ଡ୍ରାଇଭରଙ୍କ ଘର ପଡୋଶୀ ମୟୂରଭଞ୍ଜ ଜିଲା ବାଉଁଶବିଲ ଗ୍ରାମ ହୋଇଥିବା ବେଳେ ହେଲପରଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ବାଙ୍କୁଡ଼ା ଜିଲାରେ ବୋଲି ଜଣାପଡ଼ିଛି। ବସ୍ତା ପୋଲିସ ପହଞ୍ଚି ଟ୍ରକ୍ ଦୁଇଟିକୁ ଜବତ କରିଛି।

### ଅବସରପ୍ରାପ୍ତ ମୁଖ୍ୟ କିରାଣିଙ୍କ ପରଲୋକ

**ଖଇରା, ୩।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା କଲେଜ ଅବସରପ୍ରାପ୍ତ ମୁଖ୍ୟ କିରାଣୀ ବିଭୁତି ଭୂଷଣ ନାୟକ(୬୧)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସୋମବାର ଖଇରା ହନୁମାନ ମନ୍ଦିର ଏଟିଏମ୍‌ରୁ ବାହାରି ଘରକୁ ଚାଲି ଚାଲି ଆସୁଥିବା ବେଳେ ପଡ଼ିଯାଇ ଆହତ ହୋଇଥିଲେ। ଚିକିତ୍ସା ପାଇଁ ପ୍ରଥମେ ବାଲେଶ୍ୱର, କଟକ ଏବଂ ପରେ ଭୁବନେଶ୍ୱର ଭୁବନେଶ୍ୱର ନିଆଯାଉଥିବା ବେଳେ ରାସ୍ତାରେ ପରଲୋକ ହୋଇଯାଇଥିଲା। ସ୍ୱର୍ଗତ ନାୟକ ୧୯୮୦ରେ କଲେଜ ପ୍ରତିଷ୍ଠା ସମୟରୁ ମୁଖ୍ୟ କିରାଣି ଦାୟିତ୍ୱରେ ଅବସ୍ଥାପିତ ଥିଲେ। ନିକଟରେ ମେ ୩୧ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଏହି ସମୟ ମଧ୍ୟରେ କଲେଜର ଖେଳପଡିଆ, ବାଳିକା ଛାତ୍ରୀନିବାସ, ଇଣ୍ଡୋର ଷ୍ଟାଡିୟମ, କଲେଜ ପାଇଁ ଯାଗା ଯୋଗାଡ କରିବା ଭଳି ଭିତ୍ତିଭୂମି ସଜାଡିବାରେ ନିଜକୁ ସମର୍ପିତ କରିଥିଲେ। ତାଙ୍କର ମରଶରୀର ଖଇରାରେ ପହଞ୍ଚିବା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ବ୍ଲକ ଛକରୁ ଖଇରା କଲେଜ ପରିସରରକୁ ଅଣାଯାଇଥିଲା। ସେଠାରେ ସମସ୍ତ ଅଧାପିକା ଅଧାପକ କର୍ମଚାରୀ ଶେଷ ଦର୍ଶନ କରିଥିଲେ।

# ଜନ୍ମଦାତ୍ରୀଙ୍କ କୋଳକୁ ଫେରିବ ଶିଶୁପୁତ୍ର

**ଶିଶୁପୁତ୍ର ଅଦଳବଦଳ ଘଟଣାର ରାୟ ପ୍ରକାଶ**

**ବାରିପଦା ଅଫିସ, ୩।୯**

ମୟୂରଭଞ୍ଜ ଜିଲା ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜରେ ବହୁ ଚର୍ଚ୍ଚିତ ଶିଶୁ ବଦଳ ଘଟଣାର ରାୟ ପ୍ରକାଶ ପାଇଛି। ଡିଏନ୍‌ଏ ପରୀକ୍ଷାକୁ ଭିତ୍ତି କରି ପ୍ରକୃତ ମାତାପିତାଙ୍କୁ ଜୀବିତ ଶିଶୁଙ୍କୁ ହସ୍ତାନ୍ତର କରିବା ପାଇଁ ଗୁରୁବାର ଜିଲା ଓ ଦୌରାଜଜ ଏସ୍.ଆର୍. ବହିଦାର ଆଦେଶ ଦେଇଛନ୍ତି। ଅନ୍ୟପକ୍ଷେ ମାନବିକତା ଦୃଷ୍ଟି କୋଣରୁ ପିଆର୍‌ଏମ୍ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସଂରକ୍ଷିତ ହୋଇ ରହିଥିବା ମୃତ ଶିଶୁର ଅନ୍ତିମ ସଂସ୍କାର ପାଇଁ ତାଙ୍କ ମାତାପିତାଙ୍କୁ ବୁଝାଶୁଝା କରାଇବାକୁ ରାୟରେ କୁହାଯାଇଛି।

ସୂଚନା ଅନୁଯାୟୀ, ଗତ ମେ’ ରେ ପିଆରଏମ୍ ମେଡିକାଲରେ ଏହି ଶିଶୁ ଅଦଳବଦଳ ଘଟଣା ଘଟିଥିଲା। ବାରିପଦା ପୋଡ଼ା ଅସ୍ତିଆ ଗ୍ରାମର ବ୍ରଜମୋହନ ସିଂଙ୍କ ପତ୍ନୀ ରଇବାରୀ ଓ ଶ୍ୟାମସୁନ୍ଦର ସିଂଙ୍କ ପତ୍ନୀ ରଇବାରୀ ଦୁଇ ଶିଶୁଙ୍କୁ ଟୀକା ଦେବାକୁ ପିଆରଏମ୍ ମେଡ଼ିକାଲକୁ ଆଣିଥିଲେ। ତେବେ ସେଥିମଧ୍ୟରୁ ଜଣେ ଶିଶୁର ମୃତ୍ୟୁ ଘଟିଥିଲା। ଜୀବିତ ଥିବା ଶିଶୁଙ୍କୁ ଶ୍ୟାମସୁନ୍ଦରଙ୍କ ପତ୍ନୀଙ୍କୁ ଡାକ୍ତରଖାନା କର୍ତ୍ତୃପକ୍ଷ ଦେଇଥିଲେ। ତେବେ ମୃତ ଶିଶୁଟି ବ୍ରଜମୋହନଙ୍କ ଶିଶୁ ନୁହେଁ ବୋଲି ତାଙ୍କ ପରିବାର ଲୋକେ ଜାଣିବା ପରେ ଅଭିଯୋଗ କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଶ୍ୟାମସୁନ୍ଦରଙ୍କୁ ଡକାଇ ଶିଶୁପୁତ୍ରକୁ ହେପାଜତରେ ରଖିଥିଲେ। ଏହି ଶିଶୁ ଅଦଳବଦଳ ଖବର ପ୍ରକାଶ ପାଇବା ପରେ ଡାକ୍ତରଖାନାରେ ଉତ୍ତେଜନା ଦେଖା ଦେଇଥିଲା। ଉଭୟ ଶିଶୁଙ୍କ ମାତାଙ୍କ ନାମ ସମାନ ରହିଥିବାରୁ ମୃତ ଶିଶୁଟି କାହାର ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସନ୍ଦେହ ପ୍ରକାଶ ପାଇଥିଲା। ଏହାକୁ ନେଇ ବ୍ରଜମୋହନ ଟାଉନ ଥାନାରେ ଏତଲା ଦେଇଥିଲେ। ମାମଲାର ଶୁଣାଣି ହେବା ପର୍ଯ୍ୟନ୍ତ ଉଭୟ ଶିଶୁଙ୍କୁ ପିଆର୍‌ଏମ୍ ମେଡିକାଲରେ ରଖାଯାଇଥିଲା। ଜିଲା ଦୌରାଜଜଙ୍କ ରାୟ ଅନୁସାରେ ଉଭୟ ଶିଶୁଙ୍କ ଡିଏନ୍‌ଏ ରିପୋର୍ଟ ଆସିବା ସହିତ ସମସ୍ତ କାଗଜପତ୍ର ଯାଞ୍ଚ ପରେ ଜୀବିତ ଶିଶୁଟି ବ୍ରଜମୋହନଙ୍କ ବୋଲି କୋର୍ଟ ହୃଦୟଙ୍ଗମ କରିଥିଲେ। ତେବେ ବ୍ରଜମୋହନଙ୍କୁ ଯଥାଶୀଘ୍ର ଶିଶୁକୁ ହସ୍ତାନ୍ତର କରିବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି। ତେବେ ମାନବିକତା ଦୃଷ୍ଟି କୋଣରୁ ସଂରକ୍ଷିତ କରି ରଖିଥିବା ମୃତ ଶିଶୁପୁତ୍ରର କେହି ଦାବିଦାର ନ ଥିବା ବେଳେ ଶିଶୁପୁତ୍ରଟିକୁ ଦ୍ୱିତୀୟ ପକ୍ଷ ଶ୍ୟାମ ସୁନ୍ଦର ସିଂ ଏବଂ ତାଙ୍କ ପତ୍ନୀ ରଇବାରୀ ସିଂଙ୍କୁ ବୁଝାଶୁଝା କରି ହସ୍ତାନ୍ତର କରିବା ପାଇଁ କୋର୍ଟ ଉଭୟ ପିଆରଏମ୍ ମେଡିକାଲ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନକୁ ଆଦେଶ ଦେଇଛନ୍ତି। ସରକାରୀ ଓକିଲ ଏସ୍. ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ୫୪ ଛାତ୍ରୀଛାତ୍ରଙ୍କୁ ମିଳିନି ମଧ୍ୟାହ୍ନଭୋଜନ ଚାଉଳ

**ବନ୍ତ,୩।୯(ଡି.ଏନ୍.ଏ.)**

ଭଦ୍ରକଜିଲା ବନ୍ତ ବ୍ଲକ ପଳାସଗଡିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୫୪ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଚାଉଳ ପାଇ ନ ଥିବା ଜଣାଯାଇଛି। କରୋନା ମହାମାରୀ ସମୟରେ ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଚାଉଳ ପ୍ରଦାନର ବ୍ୟବସ୍ଥା କରିଥିଲେ। ଗତ ଏପ୍ରିଲ୍, ମେ ଓ ଜୁନ୍ ମାସରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨୨୦ ପିଲାଙ୍କ ପାଇଁ ଚାଉଳ ଆସିଥିଲା। ସେତେବେଳେ ୧୬୬ ପିଲା ଚାଉଳ ନେଇଥିଲେ। ଅବଶିଷ୍ଟ ୫୪ ପିଲା ଚାଉଳ ନେଇପାରି ନ ଥିଲେ। କାରଣ ଏହି ବିଦ୍ୟାଳୟରେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳର ପିଲାମାନେ ପାଠ ପଢୁଛନ୍ତି। ଦୂରଦୂରାନ୍ତର ପିଲାଙ୍କ ଅଭିଭାବକମାନେ ସଠିକ୍ ସମୟରେ ଆସି ଚାଉଳ ନେଇପାରି ନ ଥିଲେ। ଏବେ କିଛି ଅଭିଭାବକ ଚାଉଳ ନେବା ପାଇଁ ଆସିଥିବା ବେଳେ ସେମାନଙ୍କୁ ଚାଉଳ ପ୍ରଦାନ କରାଯାଇ ପାରୁନାହିଁ। କାରଣ ଗତ ୩ ମାସର ଚାଉଳ ବଣ୍ଟନ ପରେ ସମ୍ପୃକ୍ତ ଡିଲର ବଳକା ଚାଉଳକୁ ଯୋଗାଣ ବିଭାଗକୁ ଫେରସ୍ତ କରିଦେଇଛନ୍ତି। ଫଳରେ ସମସ୍ୟା ଦେଖାଯାଇଛି। ଏବେ ଚାଉଳ ପାଇ ନ ଥିବା ଅଭିଭାବକମାନେ କିପରି ଚାଉଳ ପାଇବେ ସେନେଇ ଉଭୟ ଶିକ୍ଷା ଓ ଯୋଗାଣ ବିଭାଗ ପଦକ୍ଷେପ ନେବାକୁ ଅଭିଭାବକ ମାନେ ଦାବି କରିଛନ୍ତି। ଏସମ୍ପର୍କରେ ବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ବଳଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା କହିଥିଲେ।



ଭଦ୍ରକ ଜିଲା ଧାମନଗର ବ୍ଲକ ଦଳାଙ୍ଗ ପଣ୍ଡାସାହି ନିକଟରେ ଧସି ଯାଇଥିବା ଗେଙ୍ଗୁଟି ନଦୀ ବନ୍ଧ।

## ଗେଙ୍ଗୁଟି ନଦୀବନ୍ଧ ୨୦୦ ଫୁଟ ଧସିଲା

**ଧାମନଗର,୩।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦଳାଙ୍ଗ ପଣ୍ଡାସାହି ନିକଟରେ ଗେଙ୍ଗୁଟି ନଦୀ ବନ୍ଧ ପ୍ରାୟ ୨ ଶହ ଫୁଟ ଲମ୍ବରେ ଧସିଯାଇଛି। ଏନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ସୂଚନା ଥାଉକି ୪ ବର୍ଷ ତଳେ ଗେଙ୍ଗୁଟି ନଦୀର ଏହି ସ୍ଥାନରେ ବିରାଟ ଘାଇ ସୃଷ୍ଟି ହୋଇ ବହୁ କ୍ଷୟକ୍ଷତି ଘଟିଥିଲା। ଘାଇ ସ୍ଥାନକୁ ପୋତାଯାଇ ପଥର ପ୍ୟାକିଂ ମଧ୍ୟ କରାଯାଇଥିଲା। ତେବେ ୪ ବର୍ଷ ପରେ ଚଳିତ ବର୍ଷ ଘାଇ ସ୍ଥାନରେ ପ୍ରାୟ ୨ ଶହ ଫୁଟ ଭଳି ବନ୍ଧ ନଦୀ ଗର୍ଭକୁ ଧସି ଯାଇଛି। ଆଉଥରେ ବନ୍ୟା ହେଲେ ଏହା ଧାମନଗର ବ୍ଲକ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେହିପରି ରାମେଶ୍ୱରପୁର ନିକଟରେ ଗେଙ୍ଗୁଟି ନଦୀର ବିଭିନ୍ନ ସ୍ଥାନରେ ବାରମ୍ବାର ନଦୀ ବନ୍ଧ ଧସିବା ଘଟଣା ଦେଖିବାକୁ ମିଳୁଛି। ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟ ବନ୍ୟାରୁ ଲୋକେ ରକ୍ଷା ପାଇ ନ ଥିବାବେଳେ ଉକ୍ତ ଘାଇ ସ୍ଥାନକୁ ଯୁଦ୍ଧକାଳୀନ ଭିତ୍ତିରେ ସୁରକ୍ଷା ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜେଇଇ ମେନ୍ ପରୀକ୍ଷାର୍ଥୀଙ୍କୁ ‘ଓଡିଶା ମୋ ପରିବାର’ ର ଶୁଭେଚ୍ଛା

**କେନ୍ଦୁଝର, ୩।୯(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସକାଳ ୯ଟା ସମୟରେ ଜେଇଇ ମେନ୍ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ‘ଓଡିଶା ମୋ ପରିବାର’ ତରଫରୁ ଶୁଭେଚ୍ଛା ଜଣାଇବା ସହ ପରୀକ୍ଷାର୍ଥୀ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିଲାଗି ସ୍ୱତନ୍ତ୍ର ହେଲ୍ପ ଡେସ୍କ ଦ୍ୱାରା ସହାୟତା ପ୍ରଦାନ କରାଯାଇଛି। ଗୁରୁବାର କେନ୍ଦୁଝରଠାରେ ‘ଓଡିଶା ମୋ ପରିବାର’ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର, ପାଟଣା ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ଜିଲା ଯୁବ ବିଜେଡି ସଭାପତି ସୌମ୍ୟଶଙ୍କର ଚକ୍ର ପ୍ରମୁଖ ଉପସ୍ଥିତ ରହି ୬୦ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ସେବା ପ୍ରଦାନ କରିଥିଲେ। ପରେ ପରେ ଛାତ୍ରଛାତ୍ରୀମାନେ ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ସ୍ୱତନ୍ତ୍ର ବସ ଯୋଗେ କଟକ ଏବଂ ଭୁବନେଶ୍ୱରଠାରେ ହୋଇଥିବା ପରୀକ୍ଷାକେନ୍ଦ୍ରକୁ ଯାଇଥିଲେ।

## ୧୬ ପଞ୍ଚାୟତ, ସହରାଞ୍ଚଳର ଗୋଟିଏ ୱାର୍ଡକୁ ମିଳିବ ରିଲିଫ

**ଚାନ୍ଦବାଲି,୩।୯(ଡି.ଏନ.ଏ.)**

ଚଳିତ ବନ୍ୟାରେ ପାଣି ଘେରରେ ରହିଥିବା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ୧୬ ପଞ୍ଚାୟତ ଓ ଚାନ୍ଦବାଲି ଏନଏସିର ଗୋଟିଏ ୱାର୍ଡର ଲୋକଙ୍କ ପାଇଁ ରିଲିଫ ଘୋଷଣା ହୋଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶରେ ଚାନ୍ଦବାଲି ବିଡିଓ ଏନେଇ ବିଭିନ୍ନ ବିଭାଗ, ପଞ୍ଚାୟତ ଓ ଏହି କାମରେ ନିୟୋଜିତ ସରକାରୀ କର୍ମଚାରୀଙ୍କୁ ଅବଗତ କରିଛନ୍ତି । ୨୦୧୧ ଜନ ଗଣନା ଅନୁସାରେ ଶତକଡା ୧୦ ପରିବାର ସଂଖ୍ୟା ବୃଦ୍ଧି କରାଯାଇ ପରିବାର ପ୍ରତି ୫୦ କିଲୋ ଚାଉଳ ଓ ୫ଶହ ଟଙ୍କା ପ୍ରଦାନ କରାଯିବ । ଏନେଇ ଆବଶ୍ୟକୀୟ ୯ହଜାର ୩ଶହ ୫୦ କୁଇଣ୍ଟାଲ ଚାଉଳ ବିଭିନ୍ନ ପଞ୍ଚାୟତ ଗୋଦାମକୁ ପରିବହନ କରାଯିବା ସହିତ ଦାୟିତ୍ୱରେ ଥିବା କର୍ମଚାରୀମାନେ ବ୍ଲକ କାର୍ଯ୍ୟାଳୟରୁ ବଣ୍ଟନ ହେବାକୁ ଥିବା ୮୫ ଲକ୍ଷ ଟଙ୍କାର ନଗଦ ଅର୍ଥ ଗ୍ରହଣ କରିବେ । ବ୍ଲକର ଆରଡି, ନାନ୍ଦପୁର, ନାଳଗୁଣ୍ଡା, ଖେରଙ୍ଗ, ସୁନ୍ଦରପୁର, ଓଳଗ, ତେନ୍ତୁଳିଡିହି, ଭୂଇଁବୃତି, ମାଧପୁର, ଘଟପୁର, ବଡଓସ୍ତିଆ, ମଟୋ, ମୌସୁଧା, ଜଳେଶ୍ୱରପୁର, ଯଶୀପୁର, ଭାଟପଡା ପଞ୍ଚାୟତର ୭୩ଟି ଗାଁ ଓ ଚାନ୍ଦବାଲି ଏନଏସିର ଗୋଟିଏ ୱାର୍ଡକୁ ମିଶାଇ ମୋଟ ୭୪ଟି ଗାଁର ୧୭ ହଜାର ପରିବାର ଏଥିରେ ଉପକୃତ ହେବେ । ପ୍ରତି ପଞ୍ଚାୟତ ପାଇଁ ବଣ୍ଟନ ଅଧିକାରୀ ନିଯୁକ୍ତି ହୋଇଥିବା ବେଳେ ସମ୍ପୃକ୍ତ ପଞ୍ଚାୟତର ପିଇଓମାନେ ତାଙ୍କୁ ସହଯୋଗ କରିବେ। ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ରିଲିଫ ବଣ୍ଟନ କରାଯିବା ସହିତ ସ୍ଥାନୀୟ ରିଟେଲରମାନେ ଏ କାମରେ ସହଯୋଗ କରିବେ । ତଦାରଖ ପାଇଁ ୩ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି । ରିଲିଫ ବଣ୍ଟନ ସମୟରେ ପ୍ରତି ପଞ୍ଚାୟତରେ ଦୁଇଜଣ ଲେଖାଏ ଶିକ୍ଷକ ଉପସ୍ଥିତ ରହିବେ ବୋଲି ଜଣା ପଡିଛି ।

## ଗଛ କାଟିନେଲେ ଦୁର୍ବୃତ୍ତ

**ପାଟଣା, ୩।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ତଣ୍ଡବିଟ୍ ଅଧୀନ ପିଚ୍ଛୁଳା ବେଡା ଗ୍ରାମ ତଳ ସାହିଠାରୁ ୨ କି.ମି. ଦୂରରେ ଥିବା ନେକେଡା ହୁଡ଼ି ତଳେ ଥିବା ଜଙ୍ଗଲରେ ୫ ଶହରୁ ଊର୍ଦ୍ଧ୍ୱ ଶାଳ, ଧଳା, ମହୁଲ, କୁସୁମ, କଇଁଶ, ଜାମୁ ଆଦି ମୂଲ୍ୟବାନ ଗଛଗୁଡିକୁ ଦୁର୍ବୃତ୍ତ କାଟି ନେଇଛନ୍ତି। କଟାଯାଇଥିବା ଗଛ ମଧ୍ୟରେ ୭୦ପ୍ରତିଶତ ଶାଳଗଛ ରହିଛି। କେତେଜଣ ଛେଳି ଚରାଳି ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଶହ ଶହ ଗଛ ଟଳି ପଡିଥିବା ଦେଖି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଜଙ୍ଗଲ କମିଟି ସଦସ୍ୟ ପ୍ରତାପ ମହାକୁଡ଼ ଓ ଗ୍ରାମର ଯୁବକ ରାଜେନ୍ଦ୍ର ମହାକୁଡ଼ ଦୋଷୀଙ୍କୁ ଧରି ଦଣ୍ଡ ଦେବାକୁ ଦାବି କରିଛନ୍ତି। ଏସଂକ୍ରାନ୍ତରେ ଡିଏଫଓ ଅଜିତ ଶତପଥୀଙ୍କୁ ପଚରାଯିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଢେଙ୍କିକୋଟ, ୩।୯(ଡି.ଏନ.ଏ.)**

ତାମିଲନାଡୁ କାମ କରିବାକୁ ଯାଇଥିବା କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅଧୀନ ଖଣ୍ଡଘର ଗ୍ରାମର ସରୋଜ ସେଠୀ(୧୯)ଙ୍କ ମୃତ୍ୟୁ ଘଟିଛି। ସେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ବୁଧବାର ତାଙ୍କ ଦେହ ଅସୁସ୍ଥ ହୋଇପଡିବାରୁ ସହକର୍ମୀମାନେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ପୁଅର ମୃତ୍ୟୁ ଖବର ପାଇ ଘର ଲୋକ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ତାଙ୍କ ମୃତ୍ୟୁ କରୋନାଜନିତ ବୋଲି କୁହାଯାଉଛି।


OLA
ପ୍ରିୟ OLA ପାର୍ଟନର !
ଆପଣ ନିଜ ଅଟୋକୁ OLA ସହିତ ଜଡିତ କରିବା ପାଇଁ ଚାହୁଁଛନ୍ତି ? ଏବେ ଆଉ ଚିନ୍ତା ନାହିଁ, ଏବେ ହିଁ କଲ୍ କରନ୍ତୁ 033-40836591 । ମାତ୍ର ଗୋଟେ ହିଁ କଲ୍‌ରେ ଆପଣ Online ହୋଇ ରୋଜଗାର ଆରମ୍ଭ କରି ପାରିବେ ।
ଶୀଘ୍ର କରନ୍ତୁ ଏହା କେବଳ ସୀମିତ ସମୟ ପାଇଁ ଉପଲବ୍ଧ ।
ଧନ୍ୟବାଦ
OLA ଭୁବନେଶ୍ୱର


## ନରେନ୍ଦ୍ରପୁର, ଭାଟପଡ଼ାରେ ଜବରଦଖଲ ଉଚ୍ଛେଦ

**ତିହିଡ଼ି, ୩।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ନରେନ୍ଦ୍ରପୁର ଗାଁର ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ବୁଧବାର ପୂର୍ବାହ୍ନରେ ମାଜିଷ୍ଟ୍ରେଟ୍ ତଥା ତହସିଲଦାର ରମେଶ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ପୋଲିସ ମୁତୟନ କରାଯାଇ ମେଶିନ୍ ଜରିଆରେ ଉକ୍ତ ଜବରଦଖଲ ଉଚ୍ଛେଦ କରିଥିଲେ। ପଞ୍ଚାୟତ ପ୍ରଶାସନ ପକ୍ଷରୁ ଏହି ଗାଁର ରାସ୍ତା କଡ଼ରେ ଏକ ଡ୍ରେନ୍ ନିର୍ମାଣ କରାଯାଉଛି। ଆରମ୍ଭରୁ ଏହି ଡ୍ରେନ୍ କାର୍ଯ୍ୟ ସୁରୁଖୁରେ ଚାଲିଥିବା ବେଳେ ଶେଷ ଆଡ଼କୁ କେତେକ ବ୍ୟକ୍ତି ସରକାରୀ ଜାଗାକୁ ବ୍ୟକ୍ତିଗତ ଭାବେ ଦଖଲ କରିବା ସହିତ ବ୍ୟବହାର କରିଆସୁଛନ୍ତି। ଏହି ଘଟଣାକୁ ନେଇ ବହୁ ବାଦାନୁବାଦ୍ ମଧ୍ୟ ହୋଇଛି। ଏନେଇ ସରପଞ୍ଚ ସୁବାସ ସେଠୀ ଉକ୍ତ ଜମିକୁ ଉଚ୍ଛେଦ କରିବା ଲାଗି ତହସିଲ ନିକଟରେ ଅଭିଯୋଗ କରିଥିଲେ। ପ୍ରଥମେ ତହସିଲ ପକ୍ଷରୁ ମାପଚୁପ କରାଯାଇ ଗ୍ରାମର ୭ ବ୍ୟକ୍ତି ସରକାରୀ ଜାଗାକୁ ଜବର ଦଖଲ କରିଥିବା ଜଣାପଡ଼ିଥିଲା। ଏନେଇ ସେମାନଙ୍କ ବିରୋଧରେ ତହସିଲ ପକ୍ଷରୁ ଅବରୋଧ ମାମଲା ରୁଜୁ କରାଯାଇ ତହସିଲ ପକ୍ଷରୁ କ ଓ ଖ ନୋଟିସ ମଧ୍ୟ ଜାରି କରାଯାଇଥିଲା। ପରେ ନିର୍ଦ୍ଧାରିତ ସମୟ ପ୍ରଦାନ କରାଯିବା ପରେ ଶେଷରେ ଜବରଦଖଲ ଉଚ୍ଛେଦ କରାଯାଇଥିବା ସୂଚନା ମିଳିଛି। ସେହିପରି ସନାତନ ଗୋସେଇଁ ମଠ କମିଟି ପକ୍ଷରୁ ୫ ଜଣ ବ୍ୟକ୍ତି ଜବର ଦଖଲ କରିଥିବା ଅଭିଯୋଗ ମୁତାବକ ତହସିଲ ପକ୍ଷରୁ ବିହୀତ ପଦକ୍ଷେପ ନିଆଯାଇଥିବା ଜଣାଯାଇଛି। ୪ଟି ଦୋକାନ ଗୃହକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇ ଜବର ଦଖଲ ମୁକ୍ତ କରାଯାଇଥିବା ସୂଚନା ମିଳିଛି।

# ତିହିଡ଼ି ଥାନା ଆଗରେ ବିକ୍ଷୋଭ

**ମଦ ବିରୋଧୀଙ୍କୁ ମରଣାନ୍ତକ ଆକ୍ରମଣ**

**ତିହିଡ଼ି,୩।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ବାରୋ ପଞ୍ଚାୟତର ଶାସନଖାସ ଗ୍ରାମର ମଦ ବିରୋଧୀ ଶାନ୍ତି କମିଟିର ସଭ୍ୟମାନଙ୍କୁ ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଗୁରୁବାର ତିହିଡ଼ି ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ପୋଲିସ ସୂଚନା ଅନୁଯାୟୀ, ବାରୋ, ଶାସନଖାସ ଓ ଦହପାଣିଆ ଅଞ୍ଚଳରେ ଗତ କିଛି ଦିନ ହେଲା ଚୋରା ମଦ ବିକ୍ରି ଚାଲିଥିବା ଅଭିଯୋଗ ହେଉଛି। ସେଥିପାଇଁ ମଦ୍ୟପଙ୍କ ପ୍ରଦୁର୍ଭାବ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ଗତ ୩୦ତାରିଖରେ ଗାଁର ଶାନ୍ତି କମିଟି ତରଫରୁ ଏକ ସଭା କରାଯାଇ ମଦ ବିକ୍ରି ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ବିରୋଧ କରି ଚବିଶପଡ଼ା-ଡାଙ୍ଗମାଳ ଗ୍ରାମର ଆଲୋକ ମଳିକ ଶାସନଖାସ ଗ୍ରାମକୁ ଯାଇ ସେଠାରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଶାନ୍ତି କମିଟିର ସଭ୍ୟମାନଙ୍କୁ ଜୀବନରେ ମାରିଦେବାର ଧମକ ଦେଇଥିଲେ। ଏନେଇ ଗତ ୨ତାରିଖ ସନ୍ଧ୍ୟାରେ ଶାସନଖାସ ଶାନ୍ତି କମିଟି ପକ୍ଷରୁ ଗ୍ରାମରେ ଏକ ସଭା କରାଯାଇଥିଲା। ଏ ସମ୍ପର୍କରେ ଆଲୋଚନା କରାଯାଇ ଦହପାଣିଆ ବାଶୁଳୀ କମିଟିକୁ ଏ ସମ୍ପର୍କରେ ଜଣାଇବା ପାଇଁ ଗୁରୁବାର ପୂର୍ବାହ୍ନରେ କମିଟିର ସଭ୍ୟମାନେ ଯାଉଥିବା ସମୟରେ ଆଲୋକ ମଳିକ ସୋସାଇଟି କାର୍ଯ୍ୟାଳୟ ପଛରୁ ବାହାରି ଶାନ୍ତି କମିଟିର ଲୋକମାନଙ୍କୁ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଶାନ୍ତି କମିଟିର ୨ଜଣ ସଭ୍ୟ ଗୁରୁତର ଆହତ ହୋଇ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଭାସ୍କର ଚନ୍ଦ୍ର ନାୟକ, ଚିନ୍ମୟ କୁମାର ଦାସ, ରାଜେନ୍ଦ୍ର ମଳିକ, ରାଜକିଶୋର ଲେଙ୍କା, ବିମରେଶ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଲୋକ ଆକ୍ରମଣକାରୀଙ୍କୁ ଗିରଫ କରିବା ଦାବିରେ ତିହିଡ଼ି ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତିହିଡି ଥାନାଧିକାରୀ ରମେଶ ସିଂ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାର ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଫେରିଥିଲେ।



ତିହିଡ଼ି ଥାନା ଆଗରେ ମଦ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୧୦ ପଞ୍ଚାୟତର ବନ୍ୟାବିପନ୍ନଙ୍କୁ ରିଲିଫ

**ଭଣ୍ଡାରିପୋଖରୀ, ୩।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବନ୍ୟା ବିପନ୍ନଙ୍କ ପାଇଁ ବୁଧବାର ୧୦ପଞ୍ଚାୟତକୁ ରିଲିଫ ଯୋଗାଯାଇଛି। ବ୍ଲକର ୧୦ଟିପଞ୍ଚାୟତ ୫୦ଟି ରାଜସ୍ୱ ଗ୍ରାମର ୯ହଜାର ୪୫୩ ପରିବାର ଏହି ରିଲିଫ ପାଇବେ। ୧୦ ପଞ୍ଚାୟତ ମଧ୍ୟରୁ ନପଙ୍ଗ ପଞ୍ଚାୟତରେ ୧୨ ୱାର୍ଡ, ଝୁଟଣା ପଞ୍ଚାୟତ ୧୧ ୱାର୍ଡ, ଷୋଳମପୁର ପଞ୍ଚାୟତ ୨୦ ୱାର୍ଡ, ବାଲିପୋଖରୀ ପଞ୍ଚାୟତ ୧୫ ୱାର୍ଡ, ବନ୍ଦାଲୋ ମଡିଆଳି ପଞ୍ଚାୟତ ୧୧ୱାର୍ଡ, ରହଣିଆ ପଞ୍ଚାୟତ ୧୭ୱାର୍ଡ, ମାଳଦା ପଞ୍ଚାୟତ ୧୩ୱାର୍ଡ, କୋରିଗାଁ ପଞ୍ଚାୟତ ୧୪ ୱାର୍ଡ, ରଣଜିତ ପଞ୍ଚାୟତର ୫୦୦ ପରିବାର ପାଇଁ ରିଲିଫ ଚାଉଳ ପଠାଯାଇଛି।

## ପାଇପ୍ ଅଛି, ଆସୁନି ପାଣି

**କେନ୍ଦୁଝର, ୩।୯ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଡିମ୍ବୋ ପଞ୍ଚାୟତର ୬ ନମ୍ବର ୱାର୍ଡରେ ପାନୀୟ ଜଳ ସମସ୍ୟାକୁ ନେଇ ସ୍ଥାନୀୟ ମହିଳା ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୪ ବର୍ଷ ହେଲେ ପାଇପ ବିଛା ଯାଇଛି କିନ୍ତୁ ପିଇବା ପାଣି ପାଇ ପାରୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସରପଞ୍ଚ ଠାରୁ ଆରମ୍ଭ କରି ବିଡିଓ, ପିଡି, ଜିଲାପାଳଙ୍କ ଠାରେ ଅଭିଯୋଗ କରିଛୁ। ଅଭିଯୋଗ ପରେ ଜେଇଇ ସରପଞ୍ଚଙ୍କ ସହିତ ଆସି ବୁଲିଯାଇଛନ୍ତି। ୩/୪ ଦିନ ପରେ ଆସିବେ କହି ବର୍ଷେ ହେଲା ଆଉ କେହି ଆସୁନାହାନ୍ତି ବୋଲି ସୌଦାମିନି ବେହେରା କହିଛନ୍ତି। ତୁରନ୍ତ ଏହାର ସମାଧାନ ଲାଗି ଦାବି ହୋଇଛି।

## ସଂକ୍ଷେପରେ

### ପାଣିରେ ବୁଡ଼ି ୨ ମୃତ

ବଇଣ୍ଡା/କଣିହାଁ, ୩।୯(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ମଶାଣି ପୋଖରୀରେ ବୁଡ଼ି କଦଳୀମୁଣ୍ଡା ଗ୍ରାମର ବୈକୁଣ୍ଠ ପ୍ରଧାନଙ୍କ ପୁଅ ଅନିଲ ପ୍ରଧାନ(୧୩)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଅନିଲ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ତାଙ୍କୁ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ନଂ.୧୫/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସେହିପରି ସମଲ ଥାନା ବିକିଶର ଗ୍ରାମର ନବୀନା ନାଏକଙ୍କ ବ୍ରାହ୍ମଣୀ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ଗୁରୁବାର ତାଳଚେର ଅଗ୍ନିଶମ ବିଭାଗ ତାଙ୍କ ମୃତଦେହ ଉଦ୍ଧାର କରିଛି। ଏ ନେଇ ସମଲ ଥାନା ପୋଲିସ ନଂ. ୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ବଇଣ୍ଡା, ୩।୯(ଡି.ଏନ.ଏ.): ଅନୁଗୋଳ ଜିଲା ଠାକୁରଗଡ ଥାନା କନ୍ତପଡା ପଞ୍ଚାୟତ ସୋମନାଥପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। କୁନା ବେହେରା(୩୨)ଙ୍କ ଟାଙ୍ଗିଆ ଚୋଟରେ ଦିଲୀପ ସେଠୀ(୩୩)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଦିଲୀପଙ୍କ ବାପା ଦୋଳଗୋବିନ୍ଦ ସେଠୀଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୫୦/୨୦ରେ ମାମଲା ରୁଜୁ କରିଛି। ଏଥିସହ କୁନାଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ମୁତାବକ, ଦିଲୀପ ଓ କୁନା ଦୁଇ ସାଙ୍ଗ। କୌଣସି କାରଣରୁ ଝଗଡାକୁ ନେଇ ପୂର୍ବରୁ ଶତ୍ରୁତା ହୋଇଥିଲା। ଅପରାହ୍ନ ୩ଟାରେ କୁନା ସେହି ଗ୍ରାମର ରଞ୍ଜନ ବେହେରାଙ୍କ ଘରକୁ ପାଣି ପିଇବାକୁ ଯାଇଥିଲେ। ସେଠାରେ ପୂର୍ବରୁ ଦିଲୀପ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। କୁନା ଉତ୍‌କ୍ଷିପ୍ତ ହୋଇ ପଡୋଶୀଙ୍କ ଘରୁ ଟାଙ୍ଗିଆ ଆଣି ଦିଲୀପଙ୍କୁ ଆକ୍ରମଣ କରିଥିଲେ। ଠାକୁରଗଡ ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା, ଟାପଢୋଲ ଫାଣ୍ଡି ଅଧିକାରୀ କରୁଣାକର ନନ୍ଦ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ଗ୍ରସେରି ଦୋକାନରୁ ମଦ ଜବତ



ବଇଣ୍ଡା, ୩।୯(ଡି.ଏନ.ଏ.): ଠାକୁରଗଡ ପୋଲିସ ବୁଧବାର ରାତିରେ ପାଇକସାହି ଅଞ୍ଚଳରେ ଚଢ଼ାଉ କରି ପ୍ରମୋଦ ବେହେରାଙ୍କ ଗ୍ରସେରୀ ଦୋକାନରୁ ୨୪୦ ବୋତଲ ବିଦେଶୀ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ନଂ. ୧୪୮/୨୦ରେ ମାମଲା ରୁଜୁ କରାଯାଇ ତାଙ୍କୁ ଗୁରୁବାର ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି। ଠାକୁରଗଡ ଥାନା ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରାଙ୍କ ସହ କର୍ମଚାରୀମାନେ ଚଢ଼ାଉ କରିଥିଲେ।

### ବରିଷ୍ଠ ଖବରଦାତାଙ୍କ ପରଲୋକ

କାମାକ୍ଷାନଗର, ୩।୯(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗରର ବରିଷ୍ଠ ଖବରଦାତା ଗିରିଶଚନ୍ଦ୍ର ନନ୍ଦଙ୍କ(୮୧) ଗୁରୁବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ଦୀର୍ଘ ୫୫ ବର୍ଷ ଧରି ସେ ସାମ୍ବାଦିକତା କରିବା ସହ ଅନେକ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ଦ୍ୱାରା ରଚିତ ଅନେକ ଗଳ୍ପ ଓ କବିତା ବେଶ୍ ଆଦୃତ ଲାଭ କରିଥିଲା। କାମାକ୍ଷାନଗର ଉପଖଣ୍ଡ ସାମ୍ବାଦିକ ସଂଘର ସେ ସ୍ଥାୟୀ ସଭାପତି ରହିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଓ ପରିବାର ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

### ଦୁର୍ଘଟଣା, ୪ ଗୁରୁତର

ଅନୁଗୋଳ ଅଫିସ୍, ୩।୯: ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ୍ ଓ ଟ୍ରେଲର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିରେ ଥିବା ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ରାଜପଥରେ ଗାଡ଼ି ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା।

# ଖତ ହେଉଛି ଜବତ ଗାଡ଼ି

- ରକ୍ଷଣାବେକ୍ଷଣ ପାଇଁ ସୁବିଧା ନାହିଁ
- ନିଲାମରେ ବାଧକ ସାଜିଛି ସରକାରୀ ନିୟମ
- ଥାନା, ଅବକାରୀ କାର୍ଯ୍ୟାଳୟରେ ପଡ଼ିଛି ସର୍ବାଧିକ



ଥାନା ଭିତରେ ପଡ଼ିରହିଥିବା ଜବତ ଗାଡ଼ି।

**ଅନୁଗୋଳ ଅଫିସ, ୩।୯**

ଖତ ଖାଉଛି କୋଟି କୋଟି ଟଙ୍କାର ଗାଡ଼ି। ନୂଆ ମଡେଲ ଠାରୁ ଆରମ୍ଭ କରି ପୁରୁଣା ସ୍କୁଟର ପର୍ଯ୍ୟନ୍ତ ବହୁ ଗାଡ଼ି ବର୍ଷ ବର୍ଷ ଧରି ପଡ଼ିରହିଛି ଥାନାରେ। ଜିଲାର ବିଭିନ୍ନ ଥାନା, ଅବକାରୀ କାର୍ଯ୍ୟାଳୟରେ ଏହି ସଂଖ୍ୟା ସର୍ବାଧିକ। ଏଠାରେ ରକ୍ଷଣାବେକ୍ଷଣର କିଛି ସୁବିଧା ନ ଥିବାବେଳେ ଅଧିକାଂଶ ଫେରସ୍ତ ମଧ୍ୟ ହୋଇପାରୁ ନାହିଁ। ନିଲାମ ପ୍ରକ୍ରିୟାରେ ସରକାରୀ ଆଇନ ପ୍ରତିବନ୍ଧକ ସାଜୁଥିବାରୁ ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବା ସୂଚନା ମିଳିଛି।

ଅନୁଗୋଳ ଜିଲାରେ ୨୨ଟି ଥାନା ରହିଛି। ଏସବୁ ଥାନାରେ ଦୈନିକ ଏକାଧିକ ମାମଲା ରୁଜୁ ହେଉଛି। ତେବେ ସଡ଼କ ଦୁର୍ଘଟଣାଜନିତ ମାମଲାରେ ଥାନାକୁ ଅଧିକ ଗାଡ଼ି ଟଣାହୋଇ ଆସୁଛି। ସେହିପରି ସଂଗଠିତ ଅପରାଧରେ ବ୍ୟବହୃତ ଓ ଚୋରାଗାଡ଼ିକୁ ଜବତ କରାଯାଇ ଥାନାରେ ରଖାଯାଉଛି। ଜବତ ଗାଡ଼ି ମଧ୍ୟରୁ ଅଧିକାଂଶ ବାଇକ୍ ହୋଇଥିବାବେଳେ ଅଟୋ ଠାରୁ ନେଇ ଦାମୀ ଚାରିଚକିଆ ଓ ରୋଲର ମଧ୍ୟ ରହିଛି। ତଦନ୍ତ ଓ କାଗଜପତ୍ର ଯାଞ୍ଚପରେ ଚୋରା ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକ ମଧ୍ୟରୁ କିଛି ଗାଡ଼ିମାଲିକଙ୍କୁ ହସ୍ତାନ୍ତର କରାଯାଉଛି। ଦେଖିବାକୁଗଲେ ମାତ୍ର ୬୦ ପ୍ରତିଶତ ଗାଡ଼ି ସମୟସୀମା ମଧ୍ୟରେ ଥାନାରୁ ଫେରୁଛି। ବାକି ୪୦ ପ୍ରତିଶତ ଆଇନଗତ ସମସ୍ୟା ଓ ବିଳମ୍ବିତ ତଦନ୍ତ ପାଇଁ ଥାନା ପରିସରରେ ପଡ଼ିରହୁଛି। ସେହିପରି ପଡ଼ିରହୁଥିବା ଗାଡ଼ିର ପ୍ରାୟ ୧୦ ପ୍ରତିଶତ କ୍ଷେତ୍ରରେ କୌଣସି ଦାବିଦାର ରହୁନାହାନ୍ତି। ଏହି ଗାଡ଼ିଗୁଡ଼ିକ ମୁଖ୍ୟତଃ ବଡ଼ ଧରଣର ଅପରାଧରେ ବ୍ୟବହୃତ ହେଉଥିବାରୁ ଏମିତି ହେଉଛି ବୋଲି ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ମିଳିଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, କୋର୍ଟରେ ବିଚାରାଧୀନ ମାମଲା ଫଇସଲା ନ ହେବାଯାଏ ଗାଡ଼ି ଫେରସ୍ତ ଅନୁମତି ନାହିଁ। ଯେଉଁଥିପାଇଁ ଗାଡ଼ିଗୁଡ଼ିକ ସେମିତି ପଡ଼ିରହୁଛି। କେବଳ ଥାନା ନୁହେଁ, ଜିଲାପାଳଙ୍କ କାର୍ଯ୍ୟାଳୟ, ବନ ବିଭାଗ, ପୂର୍ତ୍ତ ବିଭାଗ, ପୌରପାଳିକା, ଡାକ୍ତରଖାନା ପରିସରରେ ମଧ୍ୟ ଅନେକ ଗାଡ଼ି ଏପରି ପଡ଼ିରହିଛି। ଜିଲାରେ ରହିଥିବା ଅବକାରୀ କାର୍ଯ୍ୟାଳୟ ଗୁଡ଼ିକରେ ମଧ୍ୟ ଜବତ ଗାଡ଼ି ସଂଖ୍ୟା କମ୍ ନୁହେଁ। ଏଠାରେ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗାଡ଼ି ଓ ସାଇକେଲ ବର୍ଷ ବର୍ଷ ଧରି ପଡ଼ିରହିଛି। ଚୋରା ମଦ ଓ ଡ୍ରଗ୍ସ ମାମଲାରେ ଅଧିକ ଗାଡ଼ି ଜବତ କରାଯାଉଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଆଇନଗତ ସମସ୍ୟା ଠାରୁ ବଳିଯାଉଛି ଏହାର ରକ୍ଷଣାବେକ୍ଷଣା ସମସ୍ୟା। ଏତେ ସଂଖ୍ୟାରେ ଗାଡ଼ିକୁ ସୁରକ୍ଷିତ ଭାବେ ରଖିବା ପାଇଁ ଥାନା ପରିସରରେ ଆବଶ୍ୟକ ସ୍ଥାନ ନାହିଁ। ତେଣୁ ବାଧ ହୋଇ ସେସବୁକୁ ଖୋଲାରେ ରଖିବାକୁ ପଡୁଛି। ଯେଉଁସବୁର ଆଦୌ ଫେରାଇବା ସମ୍ଭବନା ନାହିଁ, ସେଗୁଡ଼ିକୁ ନିଲାମ ପ୍ରକ୍ରିୟାରେ ବିକ୍ରି କରାଯିବା ଆବଶ୍ୟକ। ଏକ ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରାଯାଇ ଧାର୍ଯ୍ୟ ସମୟ ମଧ୍ୟରେ ଗାଡ଼ି ନ ନେଲେ ତାହାକୁ ମଧ୍ୟ ନିଲାମ ପ୍ରକ୍ରିୟାରେ ସାମିଲ କରାଗଲେ ଏମିତି କୋଟି କୋଟି ଟଙ୍କାର ଗାଡ଼ି ପଡ଼ିରହି ନଷ୍ଟ ହୁଅନ୍ତା ନାହିଁ ବୋଲି ଜିଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। କିନ୍ତୁ ପୂର୍ବ ପ୍ରଚଳିତ ନିୟମ ଏଥିରେ ପ୍ରତିବନ୍ଧକ ସାଜିଥିବାରୁ କିଛି କରାଯାଇପାରିବ ନାହିଁ ବୋଲି ଅଧିକାରୀଜଣକ କହିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା କହିଛନ୍ତି, କୋର୍ଟରେ ବହୁ ମାମଲାର ବିଚାର ଚାଲିଥିବାରୁ ଗାଡ଼ିଗୁଡ଼ିକ ଥାନାରେ ପଡ଼ି ରହୁଛି। ମଝିରେ ମଝିରେ ଗାଡ଼ି ମାଲିକମାନଙ୍କୁ ଖୋଜି ଗାଡ଼ି ପ୍ରଦାନ କରାଯାଉଛି। କିନ୍ତୁ ତାହା ଯଥେଷ୍ଟ ନୁହେଁ ବୋଲି ଏସ୍‌ପି ସ୍ୱୀକାର କରିଛନ୍ତି। ତେବେ ଥାନା ସହ ଜିଲାର ବିଭିନ୍ନ କାର୍ଯ୍ୟାଳୟରେ ପଡ଼ିରହିଥିବା ଗାଡ଼ିଗୁଡ଼ିକର ମୂଲ୍ୟ ପ୍ରାୟ ୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି।

# ୫୬ ଆକ୍ରାନ୍ତ, ୩୨ ସୁସ୍ଥ

**ଢେଙ୍କାନାଳ ଅଫିସ,୩।୯**

ଢେଙ୍କାନାଳ ଜିଲାରେ ଗୁରୁବାର ୫୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଚିକିତ୍ସା ପରେ ଜିଲାର ୩୨ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଭୁବନ ବ୍ଲକ ମାର୍ଥାପୁରରୁ ୧୨, ଚଣ୍ଡିପାଳ, ଜିନେଇଲ ଓ ଯମୁନାକୋଟରୁ ଜଣେ ଲେଖାଏ, ଢେଙ୍କାନାଳ ପୌରାଞ୍ଚଳର ବନମାଳୀ ପ୍ରସାଦରୁ ୨, ହାଟ ରୋଡ୍‌ରୁ ୨, କାରିଗରସାହିରୁ ଜଣେ, ଷ୍ଟେଶନ ରୋଡ୍‌ରୁ ୨, କାଲଟାଙ୍କରୁ ୨, ପୋଲିସ ଲାଇନରୁ ୨, ଟାଉନ ପ୍ଲାନିଂ, ମାଣ୍ଡବାସାହି ଓ ମହିଷାପାଟରୁ ଜଣେ ଲେଖାଏ, ସଦର ବ୍ଲକର ନରଣପୁରରୁ ୪, ମଙ୍ଗଳପୁର ଓ ସରଖିଆରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ପରଜଙ୍ଗ ବ୍ଲକ କେନ୍ଦୁପଶିରୁ ୨, ସାନ୍ଧ ଓ କଙ୍କଡାସୋଡାରୁ ଜଣେ ଲେଖାଏ, କାମାକ୍ଷାନଗର ବ୍ଲକ ବାଲିପଦାରୁ ଜଣେ, ହିନ୍ଦୋଳ ବ୍ଲକ ଖଲିବେରେଣା, ରଘୁନାଥପୁର, ଖଣ୍ଡତିରି ଓ ବ୍ରହ୍ମପୁରରୁ ଜଣେ ଲେଖାଏ, କାରନ୍ଦାରୁ ୨ଜଣ, ଓଡାପଡା ବ୍ଲକର ଓଡାପଡା, ଇନ୍ଦିପୁର, ବାବନ୍ଧରୁ ଜଣେ ଲେଖାଏ ଓ ମେରାମଣ୍ଡଳିରୁ ୨ଜଣ, ଭୁବନ ଏନ୍‌ଏସିରୁ ୩ଜଣ, ଗଁଦିଆ ବ୍ଲକ କାଲୁରିଆରୁ ଜଣେ ଓ କଙ୍କଡାହାଡ ବ୍ଲକ ରହଣୀରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି କଟକ ଓ ଭୁବନେଶ୍ୱର ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ୬ଜଣ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ଏବଂ ବିଭିନ୍ନ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ସେମାନେ ରହୁଥିବା ଘର ଓ ସଲଗ୍ନ ଅଞ୍ଚଳକୁ ବିଶୋଧନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ସମୁଦାୟ ୧୮୫୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଚିକିତ୍ସା ପରେ ୧୨୫୬ଜଣ ସୁସ୍ଥ ହୋଇଛନ୍ତି।

# ହଜାରେ ଟପିଲା ସଂକ୍ରମିତଙ୍କ ସଂଖ୍ୟା

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ଜିଲାରେ ଗୁରୁବାର ୩୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୨୦ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଅନୁଗୋଳ ପୌରାଞ୍ଚଳରୁ ୬, କିଶୋରନଗର ବ୍ଲକରୁ ୫, ତାଳଚେରରୁ ୫, ବଣଅଁରପାଳରୁ ୩, ତାଳଚେର ପୌରାଞ୍ଚଳରୁ ୪, କଣିହାଁରୁ ୩, ଛେଣ୍ଡିପଦାରୁ ୩, ଆଠମଲ୍ଲିକରୁ ୩, ଅନୁଗୋଳ ବ୍ଲକରୁ ଜଣେ, ପାଲଲହଡ଼ାରୁ ୨ ଜଣ ରହିଛନ୍ତି। ଲକ୍ଷଣଯୁକ୍ତଙ୍କୁ ତାଳଚେରସ୍ଥିତ କୋଭିଡ୍ ମେଡିକାଲକୁ ପଠାଯାଇଥିବାବେଳେ ଲକ୍ଷଣବିହୀନଙ୍କୁ ଘରେ ଆଇସୋଲେଶନ୍‌ରେ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ମୋଟ ୧୫ ଜଣ ସୁସ୍ଥ ହୋଇଥିବାରୁ ଘରେ ଆଇସୋଲେଶନ୍‌ରେ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲାରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୫୦୫ରେ ପହଞ୍ଚିଛି।

# ବସ୍‌ରେ ଗଲେ ୧୮ ପରୀକ୍ଷାର୍ଥୀ



ଜେଇଇ ପରୀକ୍ଷା ପାଇଁ ବସ୍‌ରେ ଯିବାକୁ ଅପେକ୍ଷାରେଥିବା ପରୀକ୍ଷାର୍ଥୀ।

**ଅନୁଗୋଳ ଅଫିସ୍, ୩।୯**

ଜେଇଇ ମେନ୍‌ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ତାଳଚେର ଓ ଅନୁଗୋଳରୁ ଗୁରୁବାର ୧୮ ପରୀକ୍ଷାର୍ଥୀ ଓ ୫ ଅଭିଭାବକ ଏକ ସ୍ୱତନ୍ତ୍ର ବସ୍‌ରେ ପରୀକ୍ଷା କେନ୍ଦ୍ର ପଡିଥିବା ସ୍ଥାନକୁ ଯାଇଛନ୍ତି। ଢେଙ୍କାନାଳ, କଟକ ଓ ଭୁବନେଶ୍ୱରରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାରୁ ସେମାନଙ୍କୁ ବସ୍ ଯୋଗେ ସେଠାକୁ ପଠାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପରୀକ୍ଷାର୍ଥୀଙ୍କ ଗମନାଗମନ ଓ ରହିବାର ବ୍ୟବସ୍ଥା ସମ୍ପୃକ୍ତ ଜିଲାପାଳଙ୍କ ଦ୍ୱାରା କରାଯିବା ପାଇଁ ବନ୍ଦୋବସ୍ତ ହୋଇଛି। ତାଳଚେର ଦେଇ ଅନୁଗୋଳରୁ ବାହାରିଥିବା ଏହି ବସ୍‌କୁ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନୁଗୋଳ ଜିଲା ବିଜେଡି ସଭାପତି ମହେନ୍ଦ୍ର କୁମାର ବସ୍ତିଆ, ଆଇଟିଆଇ ପ୍ରିନ୍ସିପାଲ ତଥା ନୋଡାଲ ଅଫିସର ସ୍ୱରୂପ ସମ୍ପଦ ମିଶ୍ର, ସରକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

**ଦ୍ୱିତୀୟ ପର୍ଯ୍ୟାୟ ଜେଇଇ ମେନ୍**

# ଜିଲା କାର୍ଯ୍ୟାଳୟ ୩ଦିନ ବନ୍ଦ

**ଅଧିକାରୀ, କର୍ମଚାରୀଙ୍କ ସ୍ୱାବ୍ ଟେଷ୍ଟ**

**ଢେଙ୍କାନାଳ ଅଫିସ,୩।୯**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ଜଣେ ଅଧିକାରୀ କରୋନା ପଜିଟିଭ୍ ହେବାପରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ୩ଦିନ ପାଇଁ ଜିଲା କାର୍ଯ୍ୟାଳୟକୁ ବନ୍ଦ ରଖିଛନ୍ତି। ଗୁରୁବାର ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ ସବୁ ବର୍ଗର କର୍ମଚାରୀଙ୍କ ସମେତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ସେସୁ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ ଠାରେ ସ୍ୱାବ୍ ଟେଷ୍ଟ ହୋଇଥିଲା। କେବଳ ଜରୁରୀ କାର୍ଯ୍ୟ ପାଇଁ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ଓ ଜରୁରୀ ଓ ଆପାତକାଳୀନ ବିଭାଗର ଅଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି।

# କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟିତ



ଗଁଦିଆ ବ୍ଲକରେ କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟିତ।

**ଢେଙ୍କାନାଳ ଅଫିସ,୩।୯**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର କପିଳାସ କନ୍ୟାଶ୍ରମ ନିକଟରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକର ନୂତନ କୋଭିଡ୍ କେୟାର ସେଣ୍ଟର ଗୁରୁବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଏହି କୋଭିଡ୍ କେୟାର ସେଣ୍ଟରକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଲକ୍ଷଣ ନ ଥିବା କିମ୍ବା ସ୍ୱଳ୍ପ ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ ଏହି କେୟାର ସେଣ୍ଟରରେ ରଖାଯିବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ପିଡି ଡିଆର୍‌ଡିଓ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଏଥିପୂର୍ବରୁ ସଦର ବ୍ଲକ ଗୋବିନ୍ଦପୁର, ହିନ୍ଦୋଳ ବ୍ଲକ ଅଞ୍ଚଳ, ପରଜଙ୍ଗ ଓ କାମାକ୍ଷାନଗର ବ୍ଲକ ଏବଂ ଓଡାପଡା ବ୍ଲକ ଅଞ୍ଚଳରେ କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି।

# ଝଲସିବନି ଆଲୁମିନିୟମ ନଗରୀ



**ବଣଅଁରପାଳ, ୩।୯(ଡି.ଏନ.ଏ.)**

- ମେଢ଼ ନୁହେଁ ପୂଜା କରାଯିବ ଫଟୋ
- ବନ୍ଦ ହେବ ୩୦ ବର୍ଷର ପରମ୍ପରା
- ପ୍ରତିବର୍ଷ ହୁଏ ୨୩ ମଣ୍ଡପ

ଚଳିତ ବର୍ଷ ଝଲସିବନି ଆଲୁମିନିୟମ ନଗରୀ। କରୋନା ଯୋଗୁ ବନ୍ଦ ହେବାକୁ ଯାଉଛି ୩୦ ବର୍ଷର ପରମ୍ପରା। ଏଥର ମୂର୍ତ୍ତି ବଦଳରେ ନାଲ୍‌କୋରେ ଫଟୋରେ ଦେବଶିଳ୍ପୀ ପୂଜା ପାଇବେ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏ ନେଇ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍. ଏନ୍. ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ନାଲ୍‌କୋ ଟ୍ରେନିଂ ସେଣ୍ଟରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୂର୍ଣ୍ଣ ନାଲ୍‌କୋନଗରୀରେ ପୂଜା ପାଳନ କରିବାକୁ ବାରଣ କରାଯାଇଛି। କେବଳ ପ୍ଲାଣ୍ଟ ପରିସରରେ ବିଶ୍ୱ ନିର୍ମାତାଙ୍କ ଫଟୋ ରଖି ବିଧି ପାଳନ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ସିପିପି ମହାପ୍ରବନ୍ଧକ ଅମ୍ବିକା ପ୍ରସାଦ ପାଣ୍ଡବ, ଏଜିଏମ୍ ଚନ୍ଦ୍ର ମୋହନ ମହନ୍ତ, ଇଷ୍ଟେଟ ଅଧିକାରୀ ମଣି ରଞ୍ଜନ ପଟ୍ଟନାୟକ, ଶ୍ରମିକ ନେତା ମୁରଲୀଧର ପଣ୍ଡା, ସୁଜିତ ସେଠ, କିଶୋର ବେହେରା, ବିଭୂତି ଶତପଥୀଙ୍କ ସମେତ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ। ପ୍ରତ୍ୟେକ ବର୍ଷ ନାଲ୍‌କୋ କଲୋନୀ ପରିସରରେ ପ୍ରାୟ ୨୩ ମଣ୍ଡପରେ ଦେବଶିଳ୍ପୀ ପୂଜା ପାଇଥାନ୍ତି। ପଟ୍‌ଲାଇନ, କାଷ୍ଟ ହାଉସ, ରୋଡିଂ ଶପ, ମେକାନିକାଲ ବିଭାଗ, ସିପିପି ମେକାନିକାଲ, ଅପରେଶନ ବିଭାଗ, ଠିକାଦାର ସଂଘ, ଆର୍‌ପିୟୁ ସିଭିଲି ଉଦ୍ୟାନ, କାର୍ବନ ଏରିଆ, ଇଲେକ୍ଟ୍ରିକାଲ ବିଭାଗ ସମେତ ୨୩ରୁ ଊର୍ଦ୍ଧ୍ୱ ମଣ୍ଡପରେ ୭ ଦିନ ଧରି ପୂଜା ପାଳନ କରାଯାଏ। ସୁସଜ୍ଜିତ ଆଲୋକତୋରଣ ସହ ପ୍ରତି ମଣ୍ଡପରେ ପ୍ରତିଯୋଗିତା ମୂଳକ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ହେଲେ ଏ ବର୍ଷ କରୋନା ଯୋଗୁ ପୂଜା ପାଳନ କରାଯିବ ନାହିଁ ବୋଲି ଜଣାପଡିବା ପରେ ସମସ୍ତଙ୍କ ମନରେ ନିରାଶା ଦେଖାଯାଇଛି।

### କେବଳ ଫଟୋ ପୂଜା



କରୋନା ଯୋଗୁ ସରକାରଙ୍କ ନିୟମ ଅନୁଯାୟୀ ଚଳିତ ବର୍ଷ ନାଲ୍‌କୋରେ ବିଶ୍ୱକର୍ମା ପୂଜା ପାଳନ ହେବନି। କେବଳ ବିଧି ରକ୍ଷା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଫଟୋ ରଖି ପୂଜାର୍ଚ୍ଚନା କରାଯିବ।

**–ମଣିରଞ୍ଜନ ପଟ୍ଟନାୟକ, ନାଲ୍‌କୋ ଇଷ୍ଟେଟ ଅଧିକାରୀ**

### ପରମ୍ପରା ଭାଙ୍ଗିବ



କରୋନା ଯୋଗୁ ଦୀର୍ଘ ୩୦ ବର୍ଷର ପରମ୍ପରା ଭାଙ୍ଗିବ। ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ନାଲ୍‌କୋ ବିଶ୍ୱକର୍ମା ପୂଜା ଏ ବର୍ଷ ପାଳନ ହେବନାହିଁ। ଫଳରେ ଦର୍ଶକଙ୍କ ଆଗମନ ହେବନାହିଁ। ଏଥିଯୋଗୁ ବହୁ ବ୍ୟବସାୟୀ କ୍ଷତି ସହିବେ।

**–ବିଭବ ଜେନା, ଶ୍ରମିକ ନେତା**

### ନିଷ୍ପତ୍ତି ସ୍ୱାଗତଯୋଗ୍ୟ



ବିଶ୍ୱକର୍ମା ପୂଜା ଆସିଲେ ସମଗ୍ର ନାଲ୍‌କୋ ନଗରୀ ଚଳଚଞ୍ଚଳ ହୋଇଉଠେ। ସମ୍ପ୍ରତି ପରିସ୍ଥିତିରେ ନାଲ୍‌କୋର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଆଗାମୀ ବର୍ଷ ପୂଜା ପାଳନ ପାଇଁ ଉଦ୍ୟମ କରାଯିବ।

**–ନିର୍ମଳ ସାମଲ, ନେସ୍ ସାଧାରଣ ସମ୍ପାଦକ**

### ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥାନ୍ତା



ପୂଜା ନ ହେବା ଜାଣି ଦୁଃଖ ଲାଗୁଛି। କିନ୍ତୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥିବାରୁ ପୂଜା ହେଲେ ଗହଳି ବଢିବ। ତେଣୁ ନାଲ୍‌କୋ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ସମସ୍ତେ ସମର୍ଥନ କରିବା ଉଚିତ।

**–ମାଙ୍ଗିଲାଲ ସାମଲ, କାର୍ଯ୍ୟକାରୀ ସଭାପତି, ନେପୁ**

### ଖାଁ ଖାଁ ଲାଗିବ



ପୂଜା ନ ହେଲେ ନାଲ୍‌କୋନଗରୀ ଖାଁ ଖାଁ ଲାଗିବ। ମଣ୍ଡପ ହେବନି କି ପ୍ରଭୁ ବିରାଜିବେନି। କିନ୍ତୁ ପରିସ୍ଥିତି ଏପରି କରିବାକୁ ବାଧ କରିଛି। ଏବର୍ଷ ପୂଜା ବାଧାପ୍ରାପ୍ତ ହେଲେ ବି ଆସନ୍ତା ବର୍ଷ ଧୁମ୍‌ଧାମରେ ପାଳନ କରାଯିବ। **–ପ୍ରକାଶ ବେହେରା, ନାଲ୍‌କୋ କର୍ମଚାରୀ**

# ପ୍ରଫୁଲ୍ଲ ସଭାପତି, ନିର୍ମଳ ସମ୍ପାଦକ

**ବଣଅଁରପାଳ, ୩।୯(ଡି.ଏନ.ଏ.)**

ନାଲ୍‌କୋ ଏମ୍ପ୍ଲଇଜ ସଂଘ(ନେସ୍)ର ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯତୀନ କୁମାର ମିଶ୍ର ପରିଚାଳନା କରିଥିଲେ। ଏଥିରେ ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କୁ ସଭାପତି, ନିର୍ମଳ ସାମଲଙ୍କୁ ସାଧାରଣ ସମ୍ପାଦକ, କାର୍ଯ୍ୟକାରୀ ସଭାପତି ଭାବେ ମଳୟ କୁମାର ସ୍ୱାଇଁ, ବିଜନ କୁମାର ଦଳବେହେରା, ରାମଚନ୍ଦ୍ର ମୁଣ୍ଡାଙ୍କୁ ନିର୍ବାଚିତ କରାଯାଇଛି। ଉପସଭାପତି ଭାବେ ୮ ଜଣଙ୍କୁ ମନୋନୀତ କରାଯାଇଛି। ସହ ସାଧାରଣ ସମ୍ପାଦକ ଭାବେ ମୁରଲୀଧର ପଣ୍ଡା, ସାଙ୍ଗଠନିକ ସମ୍ପାଦକ ମନୋଜ କୁମାର ସ୍ୱାଇଁ, କାର୍ଯ୍ୟାଳୟ ସମ୍ପାଦକ ଅଶ୍ୱିନୀ କୁମାର ସାମଲ, ସହ କାର୍ଯ୍ୟାଳୟ ସମ୍ପାଦକ ସୁଧାଂଶୁ ଭୂଷଣ ମିଶ୍ର, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ନାୟକ, ସହ କୋଷାଧ୍ୟକ୍ଷ ଭାବେ ଈଶ୍ୱର ଚନ୍ଦ୍ର ଦେହୁରୀ ନିର୍ବାଚିତ ହୋଇଛନ୍ତି। ସେହିପରି ସହ ସମ୍ପାଦକ ଭାବେ ୧୨ ଜଣ, ଡେପୁଟି ସେକ୍ରେଟାରୀ ଭାବେ ୧୨ ଜଣ ମନୋନୀତ ହୋଇଛନ୍ତି। ମୁଖ୍ୟ ପରାମର୍ଶଦାତା ଭାବେ ଦିଲୀପ ମିଶ୍ର, ସହ ପରାମର୍ଶଦାତା ଭାବେ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ଚୟନ କରାଯାଇଛି। ପୂର୍ବତନ ସଭାପତି ଦିଲୀପ କୁମାର ମିଶ୍ର ନୂତନ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ। ସଂଘର ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ପ୍ରଧାନ ସହଯୋଗ କରିଥିଲେ।

